# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 16th August – 2025

**************************************

## ମୁଖ୍ୟ ସମ୍ବାଦ

- ମହିଳା ଓ ଶିଶୁ କଲ୍ୟାଣ ବିଭାଗର ବିଭିନ୍ନ କାର୍ଯ୍ୟର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

– ଟେକ୍-ହୋମ୍ ରାସନ କାର୍ଯ୍ୟକ୍ରମରେ ତଦାରଖ ଓ ମୂଲ୍ୟାଙ୍କନ ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ପରାମର୍ଶ

- ରାଜ୍ୟରେ ୧୨ଟି ନୂତନ ବିଜ୍ଞାପିତ ଅଞ୍ଚଳ ପରିଷଦ ଗଠନ ପାଇଁ ପ୍ରକାଶ ପାଇଲା ବିଜ୍ଞପ୍ତି

- ଆଜିଠାରୁ ରାଜ୍ୟର ଆରମ୍ଭ ହେଲା ଡିଜିଟାଲ ଫସଲ ସର୍ବେକ୍ଷଣ

ଏବଂ

- ପୁରୀ ଶ୍ରୀମନ୍ଦିରରେ ନନ୍ଦ ଉତ୍ସବ ପାଇଁ ସ୍ୱତନ୍ତ୍ର ନୀତିକାନ୍ତି

– ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ପାଇଁ ସମ୍ବଲପୁରରେ ଶୁଭଲଗ୍ନ ନିର୍ଘଣ୍ଟ

*BBSR/R*

## ମୁଖ୍ୟମନ୍ତ୍ରୀ– କାର୍ଯ୍ୟକ୍ରମର ସମୀକ୍ଷା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଭୁବନେଶ୍ୱର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ମହିଳା ଓ ଶିଶୁକଲ୍ୟାଣ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି। ବିଭାଗ ପକ୍ଷରୁ ଅପପୁଷ୍ଟି ରୋକିବା ପାଇଁ କାର୍ଯ୍ୟକାରୀ ହେଉଥିବା ଟେକ୍-ହୋମ୍ ରାସନ ଯୋଜନାରେ ବିଶେଷ କରି ଛତୁଆ ଉତ୍ପାଦନ ଓ ବଣ୍ଟନ ବ୍ୟବସ୍ଥାକୁ ଆହୁରି ଦକ୍ଷ କରିବା ପାଇଁ ଉପଯୁକ୍ତ ତଦାରଖ ଓ ମୂଲ୍ୟାଙ୍କନ ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ବୈଠକରେ ମୁଖ୍ୟମନ୍ତ୍ରୀ ମହିଳାମାନେ ସମ୍ମୁଖୀନ ହେଉଥିବା ଆହ୍ୱାନର ମୁକାବିଲା ପାଇଁ ବିଭାଗ ପକ୍ଷରୁ ବ୍ୟାପକ ସଚେତନତା ଅଭିଯାନ ଆରମ୍ଭ କରିବାକୁ ମଧ୍ୟ କହିଛନ୍ତି। ଏଥିସହ ନିଜସ୍ୱ ଗୃହ ନଥିବା ଅଙ୍ଗନବାଡ଼ି କେନ୍ଦ୍ରର ନିଜସ୍ୱ ଗୃହ ନିର୍ମାଣ ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି। ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନାରେ ପିଲାମାନଙ୍କ ପାଇଁ ପୁଷ୍ଟିସାଧନ କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରିବା ନେଇ ବୈଠକରେ ଆଲୋଚନା ହୋଇଛି।

ବୈଠକରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

***BBSR/R***

## ବିଜ୍ଞପିତ ଅଞ୍ଚଳ ପରିଷଦ ମାନ୍ୟତା

ରାଜ୍ୟରେ ୧୨ଟି ନୂତନ ବିଜ୍ଞାପିତ ଅଞ୍ଚଳ ପରିଷଦ ଗଠନ ପାଇଁ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ଅନୁଗୁଳର ପାଲଲହଡ଼ା, ସୁବର୍ଣ୍ଣପୁରର ବୀରମହାରାଜପୁର, ବାଲେଶ୍ୱରର ସିମୁଲିଆ ଓ ବସ୍ତା, ମୟୂରଭଞ୍ଜର ବେତନଟୀ, ବାଙ୍ଗିରିପୋଷୀ ଓ ଚିତ୍ରଡ଼ା, ରାୟଗଡ଼ାର ବିଷମ କଟକ, ସମ୍ବଲପୁରର ବାମରା ଓ ରେଙ୍ଗାଲୀ, ଭଦ୍ରକର ତିହିଡ଼ି ଓ ଧୁଷୁରୀକୁ ବିଜ୍ଞାପିତ ଅଞ୍ଚଳ ପରିଷଦ ମାନ୍ୟତା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି ।

***Desk***

## ତୃତୀୟଲିଙ୍ଗୀ ସ୍ୱତନ୍ତ୍ର ବର୍ଗ

ରାଜ୍ୟରେ ତୃତୀୟଲିଙ୍ଗୀଙ୍କ ପାଇଁ ସ୍ୱତନ୍ତ୍ର ବର୍ଗ ରଖିବାକୁ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ବିଭାଗ ପକ୍ଷରୁ ସମସ୍ତ ବିଭାଗକୁ ଚିଠି ମାଧ୍ୟମରେ ଅବଗତ କରାଯାଇଛି । ପୁରୁଷ ଓ ମହିଳାଙ୍କ ପରି ତୃତୀୟ ଲିଙ୍ଗୀଙ୍କ ପାଇଁ ଆବେଦନରେ ସ୍ୱତନ୍ତ୍ର ବ୍ୟବସ୍ଥା ପ୍ରସ୍ତାବ ନେଇ ଚିଠିରେ ଉଲ୍ଲେଖ ରହିଛି । ଏହାସହିତ ନିଯୁକ୍ତିଜନିତ ଆବେଦନ ଫର୍ମରେ ତୃତୀୟଲିଙ୍ଗୀଙ୍କ ପାଇଁ ବ୍ୟବସ୍ଥା ରଖିବାକୁ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି ।

***Desk***

## ସପ୍ଲିମେଣ୍ଟାରୀ ପରୀକ୍ଷା

ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ହାଇସ୍କୁଲ ସପ୍ଲିମେଣ୍ଟାରୀ ଏବଂ ରାଜ୍ୟ ମୁକ୍ତ ବିଦ୍ୟାଳୟ ଦ୍ୱିତୀୟ ପରୀକ୍ଷା ଫଳ ଆଜି ପ୍ରକାଶ ପାଇଛି ।

ସପ୍ଲିମେଣ୍ଟାରୀ ପରୀକ୍ଷାରେ ୧ ହଜାର ୯୪୪ ଜଣ ଏବଂ ରାଜ୍ୟ ମୁକ୍ତବିଦ୍ୟାଳୟରେ ୫ ହଜାର ୯୭୩ ଜଣ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି ।

ଚଳିତ ବର୍ଷ ମୋଟ ୩ ହଜାର ୪୫୭ ଜଣ ଛାତ୍ରଛାତ୍ରୀ ୯୮ଟି ପରୀକ୍ଷା କେନ୍ଦ୍ରରେ ସପ୍ଲିମେଣ୍ଟାରୀ ପରୀକ୍ଷା ଦେଇଥିଲେ । ସେହିଭଳି ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ୧୦୩ଟି କେନ୍ଦ୍ରରେ ୧୦ ହଜାର ୮୦୯ ଜଣ ପରୀକ୍ଷାର୍ଥୀ ଦେଇଥିଲେ । ଗତ ଜୁଲାଇ ମାସ ୧ ତାରିଖରୁ ୧୦ ତାରିଖ ମଧ୍ୟରେ ଏହି ପରୀକ୍ଷା ଅନୁଷ୍ଠିତ ହୋଇଥିଲା ।

***Nabarangpur***

## ପ୍ରକଳ୍ପର ସମୀକ୍ଷା

ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ଗସ୍ତ କରି ୧୦ଟି ସ୍ଥାନରେ ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ ପାଇଁ ଶିଳାନ୍ୟାସ କରିଛନ୍ତି । ଏଥିପାଇଁ ମୋଟ ୧ କୋଟି ୪୪ ଲକ୍ଷ ଟଙ୍କା ବ୍ୟୟ ଅଟକଳ ଧାର୍ଯ୍ୟ ହୋଇଛି । ଏହି ଅବସରରେ ସାଂସଦ ବଳଭଦ୍ର ମାଝୀ ଉପସ୍ଥିତ ଥିଲେ ।

***Boudh***

## ବୌଦ୍ଧ- ପ୍ରକଳ୍ପର ସମୀକ୍ଷା

ଉଚ୍ଚଶିକ୍ଷା, କ୍ରୀଡ଼ା ଏବଂ ଯୁବବ୍ୟାପାର, ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଦିନିକିଆ ବୌଦ୍ଧ ଜିଲ୍ଲା ଗସ୍ତ କରି ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଛନ୍ତି । କୁସଙ୍ଗ ଓ ଧଳପୁରଠାରେ

କେତେକ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଜିଲ୍ଲାର ଐତିହାସିକ ପୀଠ, ଷ୍ଟାଡିୟମ୍, ମ୍ୟୁଜିୟମ ଆଦି ପରିଦର୍ଶନ କରିଥିଲେ।

***GNR***

## ରାଷ୍ଟ୍ରପତି - ଅମୃତ ଉଦ୍ୟାନ

ରାଷ୍ଟ୍ରପତି ଭବନର 'ଅମୃତ ଉଦ୍ୟାନ' ଆଜିଠାରୁ ସର୍ବସାଧାରଣଙ୍କ ପାଇଁ ଖୋଲାଯାଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହାକୁ ଉଦ୍‌ଘାଟନ କରିଛନ୍ତି। ଆସନ୍ତା ମାସ ୧୪ ତାରିଖ ପର୍ଯ୍ୟନ୍ତ ଉଦ୍ୟାନ ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ୬ଟା ଯାଏଁ ଖୋଲା ରହିବ । ଆସନ୍ତା ୨୯ ତାରିଖ କ୍ରୀଡ଼ା ଦିବସ ଏବଂ ସେପ୍ଟେମ୍ବର ୫ ତାରିଖ ଗୁରୁଦିବସ ଅବସରରେ କ୍ରୀଡ଼ାବିତ୍ ଓ ଶିକ୍ଷକମାନଙ୍କୁ ସ୍ୱତନ୍ତ୍ର ପ୍ରବେଶର ସୁଯୋଗ ମିଳିବ । ଉଦ୍ୟାନ ପଥରେ ବାଲ୍‌ବାଟିକା, ହର୍ବାଲ୍ ଗାର୍ଡେନ୍ ଆଦି ଅନ୍ତର୍ଭୁକ୍ତ । ଅମୃତ ଉଦ୍ୟାନକୁ ପ୍ରବେଶ ନିଃଶୁଳ୍କ ରହିଥିବାବେଳେ ରକ୍ଷଣାବେକ୍ଷଣ ପାଇଁ ପ୍ରତି ସୋମବାର ବନ୍ଦ ରହିବ ।

***Desk***

## ଆୟୁଷ୍ମାନ ବୟୋବନ୍ଦନା ଯୋଜନା

ରାଜ୍ୟରେ ଆୟୁଷ୍ମାନ ବୟୋବନ୍ଦନା ଯୋଜନାରେ ବର୍ତ୍ତମାନ ସୁଦ୍ଧା ବିଭିନ୍ନ ଜିଲ୍ଲାରୁ ୫ ଲକ୍ଷ ୬୩ ହଜାରରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକ ପଞ୍ଜୀକରଣ କରିଥିବା ସୂଚନା ମିଳିଛି। ଏହି ଯୋଜନା ଗତ ଏପ୍ରିଲ ମାସ ୧୧ ତାରିଖରୁ ଆରମ୍ଭ ହୋଇଥିଲା। ଗତ ୪ ମାସ ମଧ୍ୟରେ ବୟୋବନ୍ଦନା ଯୋଜନାରେ ୯

ହଜାର ୭୦୦ରୁ ଅଧିକ ବରିଷ୍ଠ ନାଗରିକ ଦେୟମୁକ୍ତ ଚିକିତ୍ସା ପାଇଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି ।

***Desk***

## ଡିଜିଟାଲ ଫସଲ ସର୍ବେକ୍ଷଣ

ରାଜ୍ୟରେ ଆଜିଠାରୁ ଡିଜିଟାଲ ଫସଲ ସର୍ବେକ୍ଷଣ ଆରମ୍ଭ ହୋଇଛି । କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଚଳିତ ଏହି ସର୍ବେକ୍ଷଣରେ ଚାଷୀ ଭାଇ ଭଉଣୀଙ୍କ ଚାଷଜମିର ସମ୍ପୂର୍ଣ୍ଣ ତଥ୍ୟାବଳୀ ସଂଗ୍ରହ କରାଯାଉଛି । ଜମିର କିଶମ, ଆୟତନ, ଫସଲର ନାମ ଓ ଜଳସେଚନ ପରିମାଣ ପ୍ରଦାନ କରି ଏହି ଅଭିଯାନରେ ସାମିଲ ହେବା ପାଇଁ ରାଜ୍ୟ ସରକାରଙ୍କ କୃଷି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

***Desk***

## ବାଜପେୟୀଙ୍କ ପୁଣ୍ୟତିଥି

ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ, ମହାନ ଜନନାୟକ ତଥା ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଆଜି ସପ୍ତମ ପୁଣ୍ୟତିଥି ପାଳନ କରାଯାଉଛି । ୨୦୧୮ ମସିହା ଆଜିର ଦିନରେ ଏହି ମହାନ୍ ନେତା ଇହଲୀଳା ସମ୍ବରଣ କରିଥିଲେ । ସ୍ୱର୍ଗତଃ ବାଜପେୟୀଙ୍କ ନେତୃତ୍ୱ, ଦୂରଦର୍ଶିତା ଏବଂ ରାଷ୍ଟ୍ରଭକ୍ତି ଭାରତୀୟ ରାଜନୀତିକୁ ନୂତନ ଦିଗ ଦେଖାଇଥିଲା ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତରତ୍ନ ଅଟଳବିହାରୀ ବାଜପେୟୀଙ୍କ ସମର୍ପଣ, ସେବାଭାବ’ ବିକଶିତ ଓ ଆତ୍ମନିର୍ଭର ଭାରତର ନିର୍ମାଣରେ ଆଗାମୀ ପିଢ଼ିକୁ ପ୍ରେରଣା ଯୋଗାଇବ ବୋଲି କହିଛନ୍ତି ।

ରାଜ୍ୟପାଳ ହରିବାବୁ କମ୍ଭମପାଟି ମହାନ ଜନନାୟକ ସ୍ୱର୍ଗତଃ ବାଜପେୟୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ କହିଛନ୍ତି, ସେ ଜଣେ ଦୂରଦୃଷ୍ଟୀ ସମ୍ପନ୍ନ ରାଜନେତା ଓ ପ୍ରତିଭାଶାଳୀ ବକ୍ତା ଥିଲେ। ତାଙ୍କ ଆଦର୍ଶ ଆଗାମୀ ପିଢ଼ିକୁ ଅନୁପ୍ରାଣିତ କରିବ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ୱର୍ଗତଃ ବାଜପେୟୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ କହିଛନ୍ତି, ତାଙ୍କ ଆଦର୍ଶ, ସାଧନା ଓ ସେବାଭାବ ସଦାସର୍ବଦା ପ୍ରେରଣାଦାୟୀ ହୋଇ ରହିବ।

***Subarnpur/Sambalpur***

# ନୂଆଁଖାଇ ଲଗ୍ନ

ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ଗଣପର୍ବ ନୂଆଁଖାଇ ପାଇଁ ଆଜି ସମ୍ବଲପୁରରେ ଶୁଭଲଗ୍ନ ନିର୍ଘଣ୍ଟ ହୋଇଛି। ଆସନ୍ତା ୨୮ ତାରିଖ ଗୁରୁବାର, ଭାଦ୍ରବ ମାସ ଶୁକ୍ଲପକ୍ଷ ପଞ୍ଚମୀ ତିଥି ସକାଳ ୧୦ଟା ୩୩ ମିନିଟ୍‌ରୁ ୧୦ଟା ୫୫ ମିନିଟ୍ ମଧ୍ୟରେ ମା' ସମଲେଶ୍ୱରୀଙ୍କ ନିକଟରେ ନବାନ୍ନ ଅର୍ପଣ କରାଯିବ। ପରେ ଘରେ ଘରେ ଲୋକେ ନୂଆଁଖାଇ ପାଳନ କରିବେ। ଝାଡୁଆପଡ଼ାର ବ୍ରହ୍ମପୁରା ମନ୍ଦିରରେ ପଣ୍ଡିତ ମଣ୍ଡଳୀ ସମୂହ ମା' ସମଲେଇଙ୍କ ରାଶି ଓ ନକ୍ଷତ୍ର ଅନୁସାରେ ଶୁଭଲଗ୍ନ ନିର୍ଘଣ୍ଟ କରିଛନ୍ତି।

ସୁବର୍ଣ୍ଣପୁର ରାଜବାଟୀ ପରିସରରେ ଥିବା ଜଗନ୍ନାଥ ମନ୍ଦିରର ମୁକ୍ତିମଣ୍ଡପଠାରେ ଆୟୋଜିତ ପଣ୍ଡିତ ମହାସଭାରେ ନୂଆଁଖାଇ ଲଗ୍ନ ସ୍ଥିର ହୋଇଛି। ଆସନ୍ତା ୨୮ ତାରିଖ ପୂର୍ବାହ୍ନ ୧୧ଟା ୯ ମିନିଟ୍‌ରୁ ୧୧ଟା ୨୩ ମିନିଟ୍ ମଧ୍ୟରେ ଦେବୀ ସୁରେଶ୍ୱରୀଙ୍କ ପାଖରେ ନବାନ୍ନ ଲାଗି ହେବ।

# ନନ୍ଦୋତ୍ସବ

ପୁରୀ ଶ୍ରୀମନ୍ଦିରରେ ଆଜି ନନ୍ଦୋତ୍ସବ ନୀତି ଅନୁଷ୍ଠିତ ହେବ । ସନ୍ଧ୍ୟା ଆଳତି ସରିବା ପରେ ମହାଜନ ସେବାୟତମାନେ ରାମକୃଷ୍ଣ ଓ ଦକ୍ଷିଣ ଘରୁ ମଦନମୋହନଙ୍କୁ ଜଗମୋହନରେ ଅବସ୍ଥାପିତ ଦୋଳିରେ ବିଜେ କରାଇବେ । ମଇଲମ ଓ ଅନ୍ୟାନ୍ୟ ନୀତିକାନ୍ତି ପରେ ପ୍ରଭୁ ଶ୍ରୀଜଗନ୍ନାଥ ଓ ଦେବୀ ସୁଭଦ୍ରାଙ୍କ ନିକଟରେ ଷଠୀ ଓ ମାର୍କଣ୍ଡ ପୂଜା ହେବ । ପରେ ପରେ ରାମକୃଷ୍ଣ ଓ ମଦନମୋହନଙ୍କୁ ଦୋଳିରୁ ଓହ୍ଲାଇ ଆଣି ପତିମହାପାତ୍ରେ ଖଟ ଉପରେ ବିଜେ କରାଇବେ । ଭିତରଚ୍ଛ ମହାପାତ୍ର  ନନ୍ଦରାଜା ରୂପରେ ଶ୍ରୀନଅରକୁ ଯାଇ ଫେରିବା ପରେ ସ୍ନାନମଣ୍ଡପ ଉପରେ ବସିବେ । ଏହାପରେ ମା' ଲକ୍ଷ୍ମୀଙ୍କ ମନ୍ଦିର ନିକଟରେ ଗାଇଦୁହାଁ ପରମ୍ପରା ସମ୍ପାଦିତ ହେବ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

ବୌଦ୍ଧ ଜିଲ୍ଲାରେ ଦୁଇଦିନ ଧରି ଜନ୍ମାଷ୍ଟମୀ ଉତ୍ସବ ପାଳନ କରାଯାଉଛି। ସହରର ଐତିହାସିକ ମଦନମୋହନ ମନ୍ଦିର ସମେତ ଜଗନ୍ନାଥ ମନ୍ଦିର, ପୁରୁଷୋତ୍ତମ ଦିବ୍ୟଧାମ ମନ୍ଦିର, ବ୍ରହ୍ମାକୁମାରୀ ବିଦ୍ୟାଳୟଠାରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଉଛି।

ନୂଆପଡ଼ା ଜିଲ୍ଲା ଖଡ଼ିଆଳଠାରେ ଯାଦବ ସମାଜ ପକ୍ଷରୁ ଜନ୍ମାଷ୍ଟମୀ ଓ ନନ୍ଦ ଉତ୍ସବ ପାଳିତ ହୋଇଯାଇଛି।

*HS*

## ଡ୍ରାଇଭର ନିଯୁକ୍ତି

ପୁଲିସ ମୋଟର ପରିବହନ– ପି.ଏମ୍.ଟି. ବିଭାଗରେ ଡ୍ରାଇଭର ନିଯୁକ୍ତି ନିମନ୍ତେ ଆସନ୍ତା ୨୨ ତାରିଖରୁ ଶାରୀରିକ ଦକ୍ଷତା ଓ ଡ୍ରାଇଭିଂ ପରୀକ୍ଷା ଆରମ୍ଭ ହେବ। ଭୁବନେଶ୍ୱର, ସମ୍ବଲପୁର, ବ୍ରହ୍ମପୁର, ବାଲେଶ୍ୱର ଏବଂ କୋରାପୁଟଠାରେ ଏହି ପରୀକ୍ଷା ଅନୁଷ୍ଠିତ ହେବ ବୋଲି ଓଡ଼ିଶା ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି। ଲିଖିତ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଆଶାୟୀ ପ୍ରାର୍ଥୀମାନେ ପ୍ରବେଶପତ୍ର ଡାଉନଲୋଡ କରିବା ସହ ଅଧିକ ସୂଚନା ଓଡ଼ିଶା ପୁଲିସ ୱେବସାଇଟ୍‌ରୁ ପାଇପାରିବେ।

*DHNKL*

## ସ୍ୱତନ୍ତ୍ର କୋଚିଂ କ୍ଲାସ

ଢେଙ୍କାନାଳ ଜିଲ୍ଲାରେ ଆସନ୍ତା ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ଗ୍ରେଡ୍-ଏ-ୱାନ୍ ଆଶାୟୀ ବିଦ୍ୟାର୍ଥୀ ନିମନ୍ତେ ସ୍ୱତନ୍ତ୍ର କୋଚିଂ କ୍ଲାସ ଆଜିଠାରୁ ଆରମ୍ଭ ହୋଇଛି। ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ନିର୍ଦ୍ଦେଶରେ ଜିଲ୍ଲାର ମୋଟ ୧୯ଟି ଉଚ୍ଚବିଦ୍ୟାଳୟରୁ ୪୮୧ ଜଣ ଆଶାୟୀ ଛାତ୍ରଛାତ୍ରୀଙ୍କୁ ଏହି କୋଚିଂ ଦିଆଯିବ। ୩୪୨ ଜଣ ବିଶେଷଜ୍ଞ ଶିକ୍ଷକମାନଙ୍କୁ ନେଇ ସ୍ୱତନ୍ତ୍ର କୋଚିଂ କ୍ଲାସ ପ୍ରତ୍ୟେକ ଶନିବାର ସକାଳ ୮ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଚାଲିବ। ଆଶାୟୀ ଛାତ୍ରଛାତ୍ରୀମାନେ ନିଜ ନିଜ ବ୍ଲକର ନିକଟସ୍ଥ ଚୟନ କରାଯାଇଥିବା ବିଦ୍ୟାଳୟରେ ଏହି କୋଚିଂ ସୁବିଧାର ଲାଭ ଉଠାଇପାରିବେ।

*Deogarh*

# ପ୍ରକଳ୍ପ ବୈଠକ

ଦେବଗଡ଼ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲା ଶିକ୍ଷା ବିଭାଗର ପ୍ରକଳ୍ପ ପରିଚାଳନା ୟୁନିଟ୍ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ କବୀନ୍ଦ୍ର କୁମାର ସାହୁ ବୈଠକରେ ଯୋଗଦେଇ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ହାସଲ ଉପରେ ଛାତ୍ରଛାତ୍ରୀମାନଙ୍କୁ ବୁଝାଇଥିଲେ ।